ସକାଳ THE SAKALA



# ରବି ଧାନ ସଂଗ୍ରହ ନ ହେବା ଆଶଙ୍କାରେ ଚାଷୀ

## ରବି ୨୦୨୪-୨୫ : ୧୬୬୫୮ ଚାଷୀଙ୍କ ଠାରୁ ସଂଗ୍ରହ ହୋଇଥିଲା ୧୪୧୮୧୧୭.୬୧ କ୍ୱିଣ୍ଟାଲ ଧାନ

ସମ୍ବଲପୁର, ୭।୧ (ସମିସ)

ଚଳିତ ଖରିଫ୍ ୨୦୨୫-୨୬ରେ ମାସକ ବିଳମ୍ବରେ ଧାନ କ୍ରୟ ଆରମ୍ଭ ହୋଇଥିବାବେଳେ, ମଣ୍ଡି ଖୋଲିବାର ୪୧ ଦିନ ପରେ ବି ବ୍ୟବସ୍ଥିତ ହୋଇପାରିନି ଧାନକିଣା। ବହୁସଂଖ୍ୟକ ଚାଷୀଙ୍କ ଖରିଫ୍ ଧାନ ବିକ୍ରୟ ପାଇଁ ଟୋକନ ଆସିନାହିଁ। ଜିଲ୍ଲାର ଚାଷୀମାନେ ଅମଳ ହୋଇଥିବା ଧାନକୁ ନେଇ ଜଗିବସିଛନ୍ତି। ଟୋକନ ସମସ୍ୟା ବହୁବର୍ଷ ପରେ ଉତ୍କଟ ରୂପ ଧାରଣ କରିଛି। ମିଲର୍ ମାନଙ୍କ ମନମାନି ସହ ବିଭିନ୍ନ ଦାବିକୁ ନେଇ ଜିଦ୍ ଯୋଗୁଁ ଅଚଳାବସ୍ଥା ଦେଖାଦେଇଛି। ସରକାର ମାର୍ଚ୍ଚ ପର୍ଯ୍ୟନ୍ତ ଧାନ କିଣାଯିବ ବୋଲି ବାରମ୍ବାର କହୁଛନ୍ତି। ଏପରିସ୍ଥଳେ ଡିସେମ୍ବର ପ୍ରଥମ ସପ୍ତାହରୁ ଆରମ୍ଭ ହେଉଥିବା ରବି ଧାନଚାଷରୁ ଉତ୍ପାଦିତ ଧାନ ସରକାର ନେବେ ତ' ବୋଲି ଚାଷୀ ମହଲରେ ଆଶଙ୍କା ପ୍ରକାଶ ପାଇଲାଣି। ସମ୍ବଲପୁର ଜିଲ୍ଲାରେ ପ୍ରତିବର୍ଷ ପ୍ରାୟ ୧୫ ହଜାରରୁ ଉର୍ଦ୍ଧ୍ୱ ଚାଷୀ ରବିଋତୁରେ ଧାନ ଅମଳ କରି ସରକାରଙ୍କୁ ବିକ୍ରୟ କରିଥାନ୍ତି। ଉଲ୍ଲେଖଯୋଗ୍ୟ ଯେ, ରବି ଧାନସଂଗ୍ରହ ୨୦୨୪-୨୫ରେ ଜିଲ୍ଲାର ୧୬୬୫୮ ଜଣ ଚାଷୀ ୧୪୧୮୧୧୭.୬୧ କ୍ୱିଣ୍ଟାଲ ଧାନ ବିକ୍ରୟ କରିଥିଲେ। ଯଦି ରବି ଧାନ ସଂଗ୍ରହ ନହୁଏ, ତେବେ ଅମଳ କରାଯିବାକୁଥିବା ଡାଲୁଆ ଧାନକୁ ଚାଷୀ କରିବ କ'ଣ ବୋଲି ଚର୍ଚ୍ଚା ଜୋର ଧରିଛି।



ଚାଷୀ ଖରିଫ୍‌ରେ ଅମଳ ଧାନ ବିକ୍ରୟ କଲାପରେ ରବି ଋତୁ ସକାଶେ ପ୍ରସ୍ତୁତ ହୋଇଥାଏ। କେନାଲ ଡିସେମ୍ବର ୧୦ରୁ ୨୦ ଭିତରେ ପାଣି ଛାଡ଼ିଥାଏ। ତା'ପରେ ରବି ପ୍ରକ୍ରିୟା ଆରମ୍ଭ ହୁଏ, ପ୍ରଥମେ ପହ୍ଲା ପକାଯାଏ। ସାଧାରଣତଃ ଡିସେମ୍ବର ପ୍ରଥମ ସପ୍ତାହରେ ରବି ଧାନଚାଷ ପାଇଁ ପହ୍ଲା ପକାଯାଇଥାଏ। ଜାନୁଆରୀ ଦ୍ୱିତୀୟ ସପ୍ତାହରୁ ରବି ଧାନଚାଷ ସକାଶେ ପହ୍ଲା ରୋଇବା ଆରମ୍ଭ ହୁଏ। ଡିସେମ୍ବର ମଧ୍ୟଭାଗ ସୁଦ୍ଧା ଚାଷୀ ଖରିଫ୍ ଧାନ ବିକ୍ରୟକରି ପୁଣି ରବି ଋତୁ ସକାଶେ ଚାଷ କାର୍ଯ୍ୟରେ ଲାଗିଯାଏ। ଚଳିତ ଖରିଫ୍‌ରେ ଟୋକନ ସମସ୍ୟା ଲାଗି ରହିଛି। ଖଳା ଓ ଖରି ମାନଙ୍କରେ ହଜାର ହଜାର କ୍ୱିଣ୍ଟାଲ ଧାନ ପଡ଼ିରହିଛି। ଚାଷୀ ଧାନ ବିକ୍ରୟ ପାଇଁ ଟୋକନକୁ ଅପେକ୍ଷା କରିବା ସହ ହାତୀ ଦାଉରୁ ରକ୍ଷାକରିବା ପାଇଁ ଶୀତକାକରରେ ପଡ଼ିରହୁଛି। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ଯୋଗାଣ ଓ ସମବାୟ ମନ୍ତ୍ରୀ କେତେବେଳେ ବାହାର ବଜାରରେ ଧାନ ବିକ୍ରୟ କରିଦେବାକୁ ମନ୍ତବ୍ୟ ଦେଉଛନ୍ତି ତ କେତେବେଳେ ଆମେ ଏତେ ଧାନ କାହିଁକି କିଣିବୁ ବୋଲି ମନ୍ତବ୍ୟ ଦେଉଥିବାରୁ ସବୁ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଅନ୍ନଦାତାକୁ ହତାଦର କରାଯାଉଥିବା ଅଭିଯୋଗ ହେଉଛି।

ପଶ୍ଚିମ ଓଡ଼ିଶା କୃଷକ ସୁରକ୍ଷା ସଂଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନଙ୍କ ଅନୁଯାୟୀ, ଚାଷବାସ ସମୟସୀମା ମଧ୍ୟରେ ହୋଇଥାଏ। ଚାଷୀ କ'ଣ ରବି ଧାନଚାଷ ପାଇଁ ମାର୍ଚ୍ଚ ମାସରେ ପହ୍ଲା ପକାଇବ ଓ ଏପ୍ରିଲରେ ରୋଇବ। ବର୍ତ୍ତମାନ ସୁଦ୍ଧା ସରକାରଙ୍କ ମତିଗତି ସ୍ପଷ୍ଟ ଜଣାପଡୁଛି, ହୋଇପାରେ ହୀରାକୁଦ କମାଣ୍ଡ ଏରିଆରେ ଚାଷୀଙ୍କ ସମସ୍ୟା ବଢ଼ିବ। ଚାଷୀ ଯଦି ଖରିଫ୍‌ର ନିଜ ଧାନ ବିକ୍ରୟ କରିନପାରିବ, ତେବେ ରବି ଚାଷ ପାଇଁ ଅର୍ଥ କେଉଁଠୁ ଆଣିବ? ପୁଣି ତାର ଲୋନ୍ ବିଳମ୍ବିତ ହେଲେ ୧୨%ରୁ ଅଧିକ ସୁଧ ଲାଗିଯିବ। ଏକ ସୁନିୟୋଜିତ ଷଡ଼ଯନ୍ତ୍ର ଚାଲିଥିବା ଭଳି ମନେ ହେଉଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି, ଯଦି ସରକାର ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଖରିଫ୍ ଧାନ କିଣିବେ, ତେବେ, ରବି ଧାନ ସରକାର ରଖିବେ କେଉଁଠି? ଏପ୍ରିଲ ୧୫ରୁ ରବି ଧାନ ଅମଳ ଆରମ୍ଭ ହୋଇଯିବ ଏବଂ ମେ ପ୍ରଥମ ସପ୍ତାହରେ ପ୍ରତିବର୍ଷ ମଣ୍ଡି ଖୋଲିଯାଇ ଜୁନ ୧୫ ସୁଦ୍ଧା ଶେଷହୁଏ। ପୁଣି ଜୁନ୍‌ରେ ବର୍ଷା ଆରମ୍ଭ ହୋଇ, ଚାଷୀର ଧାନ ଓଦାହୋଇ ନଷ୍ଟ ହୋଇଯାଇଥାଏ। ସରକାର ଖରିଫ ଧାନକିଣାକୁ ନେଇ ବିଳମ୍ବ କରୁଥିବାରୁ ଏବେ ଚାଷୀମାନେ ରବି ଧାନକିଣାକୁ ନେଇ ଆଶଙ୍କାଗ୍ରସ୍ତ ଅଛନ୍ତି।

### ଚାଷୀକୁ ଆନ୍ଦୋଳନମୁହାଁ କରିଛି ଟୋକନ ସମସ୍ୟା

ଚଳିତ ଖରିଫ୍‌ରେ ଟୋକନ ସମସ୍ୟା ଚାଷୀକୁ ହନ୍ତସନ୍ତ କରିବାସହ ଆନ୍ଦୋଳନମୁହାଁ କରିଛି। ସମ୍ବଲପୁର ଜିଲ୍ଲାରେ ନଭେମ୍ବର ୨୮ ତାରିଖରେ ମଣ୍ଡି ଖୋଲିଲା। କିନ୍ତୁ ମିଲର୍‌ମାନଙ୍କ ଜିଦ୍ ଯୋଗୁଁ ଧାନ ଉଠିଲାନି। ସମ୍ବଲପୁରର ସିନ୍ଦୂରପଙ୍କ ତୁମ୍ବେସିଂହା ଛକରେ ଡିସେମ୍ବର ୧ ତାରିଖ ବିଭିନ୍ନ ଅଞ୍ଚଳର ଚାଷୀ ଅର୍ଥନୈତିକ ଅବରୋଧ କଲେ, ଏହାପରେ ରାତାରାତି ମିଲର୍‌ମାନେ ରେଜିଷ୍ଟ୍ରେସନ ଓ ଆକ୍ସେପଟେନ୍ସ ଦେଇ ଧାନ ଉଠିବା ଆରମ୍ଭ ହେଲା। ଅନ୍ୟପକ୍ଷରେ ସରକାର ଟୋକନ ଇସ୍ୟୁ କଲେନାହିଁ। ବହୁସଂଖ୍ୟକ ଚାଷୀ ପ୍ରଥମ ଟୋକନ ପାଇନଥିବାବେଳେ ଅନେକ ଚାଷୀ ପଞ୍ଜିକରଣ ଅନୁଯାୟୀ ଦ୍ୱିତୀୟ ଓ ତୃତୀୟ ଟୋକନ ପାଇଲେନି। ଡିସେମ୍ବର ୧୨ରେ ଚାଷୀମାନେ ରେମେଡ, ତୁମ୍ବେସିଂହା ଓ ଧମାଠାରେ ଜାତୀୟ ରାଜପଥ ଅବରୋଧ କଲେ, ସରକାର ସେମାନଙ୍କ ଟୋକନ ସମସ୍ୟା ସମାଧାନ କରିବା ପରିବର୍ତ୍ତେ ଚାଷୀଙ୍କୁ ଗିରଫ କରାଗଲା। ପୁଣି ୧୬ ତାରିଖରେ ଚାଷୀମାନେ ପ୍ରତିବାଦସ୍ୱରୂପ ରାଜରାସ୍ତାରେ ଧାନ ବିକିଲେ। ଏହାପରେ ଡିସେମ୍ବର ୧୯ ତାରିଖ ଚାଷୀମାନଙ୍କ ଇତିହାସରେ ପ୍ରଥମଥର ପାଇଁ 'ସମ୍ବଲପୁର ବନ୍ଦ' ଡାକରା ଦିଆଗଲା, ସଫଳ ବି ହେଲା। ଏଯାବତ୍ ଟୋକନ ସମସ୍ୟା ଲାଗିରହିଛି। ଏବେ ପୁଣି ମିଲ୍ ମାନଙ୍କରେ ଶହ ଶହ ଗାଡ଼ି ଧାଡ଼ି ବାନ୍ଧିଥିବାବେଳେ ମିଲର୍‌ମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସରକାର ଓ ମିଲର୍ ମିଶି ଚାଷୀର ଖରିଫ୍ ଧାନ ସଂଗ୍ରହକୁ ନେଇ ଅଚଳାବସ୍ଥା ସୃଷ୍ଟି କରୁଥିବା ବେଳେ ରବି ଧାନ କିଣାଯିବା ଅନିଶ୍ଚିତତାକୁ ଚାଲିଗଲାଣି ବୋଲି ଚାଷୀମାନେ ମତପ୍ରକାଶ କରୁଛନ୍ତି।

# ସଡ଼କ ଦୁର୍ଘଟଣାରେ ୨ ମୃତ, ୪ ଆହତ

**ସମ୍ବଲପୁର, ୭।୧ (ସମିସ):** ସମ୍ବଲପୁର ଅଇଁଠାପାଲି ଥାନା ଭାଲୁପାଲି ନିକଟରେ ସଡ଼କ ଦୁର୍ଘଟଣାରେ ୨ ଜଣ ମୃତ୍ୟୁବରଣ କରିଥିବା ବେଳେ ୪ ଜଣ ଆହତ ହୋଇଛନ୍ତି। ମିଳିଥିବା ସୂଚନାନୁଯାୟୀ, ବୁଧବାର ରାତି ପ୍ରାୟ ୭ଟା ସମୟରେ ଏକ ଇଟା ବୋଝେଇ ଟ୍ରାକ୍ଟର ଝାରସୁଗୁଡ଼ା ପଟୁ ଅଇଁଠାପାଲି ଆସୁଥିବା ବେଳେ ଭାଲୁପାଲି ଛକ ନିକଟରେ ପ୍ରଥମେ ସ୍କୁଟିକୁ ଧକ୍କା ଦେଇଥିଲା। ଏହାପରେ ରାସ୍ତାକଡ଼ରେ ଥିବା ଏକ ହୋଟେଲ ଭିତରକୁ ପଶିଯାଇ କେନାଲ କଡ଼କୁ ଓଲଟି ପଡ଼ିଥିଲା। ଟ୍ରାକ୍ଟର ଓଲଟି ପଡ଼ିବାରୁ ଟ୍ରାକ୍ଟରର ଚାଳକ ଚାପିହୋଇ ମୃତ୍ୟୁବରଣ କରିଛନ୍ତି। ମୃତ ଟ୍ରକ୍ଟର ଚାଳକ ସିନ୍ଦୁରପଙ୍କ ଅଞ୍ଚଳର ମୁକେଶ ଖଡ଼ିଆ ବୋଲି ଜଣାପଡ଼ିଛି। ଟ୍ରାକ୍ଟରର ଅନ୍ୟ ୨ ଜଣ ଶ୍ରମିକଙ୍କ ଗୁରୁତର ଅଛନ୍ତି। ସେମାନେ ହେଲେ ଧମା ସାହାସପୁର ଚାନ୍ଦନୀମାଲର ଦିଲୀପ ଖୁଆ ଓ ଅଜିତ ଖୁଆ। ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରାଯାଇ ବୁର୍ଲା ଭିମସାର୍କୁ ସ୍ଥାନାନ୍ତର କରାଯାଇଛି।ଅନ୍ୟପକ୍ଷରେ ହୋଟେଲ ସମ୍ମୁଖରେ ଥିବା ଗୋଟିଏ ପରିବାରର ଜଣେ ମହିଳା ଓ ତାଙ୍କ ଦୁଇଜଣ ଶିଶୁ ଗୁରୁତର ହୋଇ ନିକଟସ୍ଥ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ମିଳିଥିବା ସୂଚନା ଅନୁଯାଇ ଶିଶୁଙ୍କ ମଧ୍ୟରୁ ହୋଟେଲ ମାଲିକଙ୍କ ପୁଅ ବିଧାନ ସାହୁ (୮)ଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଶିଶୁ ସାମାନ୍ୟ ଆହତ ହୋଇଛି। ଅଇଁଠାପାଲି ପୁଲିସର ସୂଚନା ଅନୁଯାୟୀ ମହିଳା ଓ ଶିଶୁମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ବରଗଡ଼ ବିକାଶ ହସପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ଗୁରୁତର ଥିବା ଟ୍ରାକ୍ଟରର ହେଲ୍‌ପର ଓ ଅନ୍ୟ ଜଣେ ଆହତଙ୍କୁ ବୁର୍ଲା ଭିମସାରକୁ ପଠାଯାଇଥିବା ପୁଲିସ ସୂତ୍ରରୁ ପ୍ରକାଶ। ଟ୍ରାକ୍ଟର ଦ୍ରୁତ ଗତିରେ ଆସୁଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକମାନେ କହୁଛନ୍ତି।



ଉଲ୍ଲେଖଯୋଗ୍ୟ ଯେ, ଗତ ରବିବାର ସନ୍ଧ୍ୟାରେ ସମ୍ବଲପୁର ଉପକଣ୍ଠ ନକ୍ସାପାଲିଠାରେ ଜାତୀୟ ରାଜପଥ ଉପରେ କାର୍ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଅଟକିଥିବା ଏକ ପାଉଁଶ ବୋଝେଇ ହାଇୱାକୁ ଧକ୍କା ଦେବାରୁ ଘଟଣାସ୍ଥଳରେ ୩ ଜଣ ଛାତ୍ର ମୃତ୍ୟୁବରଣ କରିଥିଲେ। ସେମାନେ ହେଲେ ଦଶମ ଶ୍ରେଣୀରେ ପାଠ ପଢୁଥିବା ମହମ୍ମଦ ଆସିଫ ଓ ମହମ୍ମଦ ଜିଆଉଲ ଏବଂ ଦଶମ ପାସ୍ କରିଥିବା ମହମ୍ମଦ ସିଫାନ। ଘରୁ କାର୍ ନେଇ ସେମାନେ ବୁଲିବାକୁ ବାହାରିଥିଲେ।

# ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ୱେବ୍‌ସାଇଟ୍ ହ୍ୟାକ୍

**ସମ୍ବଲପୁର, ୭।୧ (ସମିସ) :** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍‌କୁ ହ୍ୟାକ୍ କରିଦିଆଯାଇଥିବା ସୂଚନା ମିଳିଛି। ଆଜି ରାତି ୮ଟା ସମୟରେ ଛାତ୍ରଛାତ୍ରୀମାନେ ଜିଏମ୍‌ୟୁର ୱେବ୍‌ସାଇଟ୍ ଦେଖିବାବେଳକୁ ସେଥିରେ ପାକିସ୍ତାନର ପତାକା ସହ ଆଇଏସ୍‌ଆଇଏସ୍ ଜିନ୍ଦାବାଦ ଆଦି ଲେଖାଥିଲା। ଏନେଇ ଛାତ୍ରଛାତ୍ରୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହାର ପ୍ରାୟ ଦୁଇଘଣ୍ଟା ପରେ ରାତି ୧୦ଟା ପାଖାପାଖି ପୁଣିଥରେ ତାହା ପୂର୍ବଭଳି ହୋଇଯାଇଛି। ପୂର୍ବରୁ ଦୁଇବର୍ଷ ପୂର୍ବେ ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍ ଏହିଭଳି ହ୍ୟାକ୍ ହୋଇଯାଇଥିବା କୁହାଯାଉଛି। ହ୍ୟାକର୍‌ମାନେ ସକ୍ରିୟ ଥିବାବେଳେ ବିଶ୍ୱବିଦ୍ୟାଳୟ ୱେବ୍‌ସାଇଟ୍‌କୁ ବୈଷୟିକ ଜ୍ଞାନ ଉପଯୋଗ କରି ଫୁଲ୍‌ପ୍ରୁଫ୍ କରାଯିବା ଆବଶ୍ୟକ ବୋଲି ସଚେତନ ମହଲରେ ମତପ୍ରକାଶ ପାଉଛି। ଏନେଇ ଉପକୁଳସଚିବ ଡଃ ଉମାଚରଣ ପତି କହିଛନ୍ତି, ହ୍ୟାକ୍ ହୋଇଥିବା ଜାଣିବାପରେ ତୁରନ୍ତ ଟେକ୍‌ନିକାଲ ଟିମ୍ ସହ ଯୋଗାଯୋଗ କରି ତାହାକୁ ପୁନଃକାର୍ଯ୍ୟକ୍ଷମ କରାଯାଇଥିଲା। ଟେକ୍‌ନିକାଲ ଟିମ୍‌କୁ ତର୍ଜମା କରି ରିପୋର୍ଟ ଦେବାକୁ କୁହାଯାଇଛି। ଏହାସହ ସାଇବର ଥାନାରେ ଏନେଇ ଏତଲା ଦିଆଯାଇଛି।



# ଦ୍ୱିତୀୟ ୱାନ୍ ଷ୍ଟପ୍ ସେଣ୍ଟର ଉଦ୍‌ଘାଟିତ

**କୁଚିଣ୍ଡା, ୭ ।୧(ସମିସ):** କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ସହଯୋଗରେ ଏବଂ ସ୍ୱେଚ୍ଛାସେବୀ ସଂସ୍ଥା ସାର୍କଙ୍କ ତତ୍ତ୍ୱବଧାନରେ ସମାଜରେ ଅବହେଳିତ ଓ ନିର୍ଯାତିତ ମହିଳାମାନଙ୍କୁ ପୁଲିସ ସହାୟତା, ଆଇନଗତ ସହାୟତା, ଡାକ୍ତରୀ ସହାୟତା, ମନୋବୈଜ୍ଞାନିକ ଓ ସାମାଜିକ ପରାମର୍ଶ, ସାମୟିକ ଆଶ୍ରୟ ସହ ଅନ୍ୟାନ୍ୟ ଆବଶ୍ୟକୀୟ ସେବା ପ୍ରଦାନ କରିବା ଉଦ୍ଦେଶ୍ୟରେ ସମ୍ବଲପୁର ଜିଲ୍ଲାର ଦ୍ୱିତୀୟ ୱାନ୍ ଷ୍ଟପ୍ ସେଣ୍ଟର (ଓ୍ୱଏସସି) କୁଚିଣ୍ଡା ଉପଖଣ୍ଡ ଚିକିତ୍ସାଳୟ ପରିସରରେ ସ୍ଥାପିତ ହୋଇଛି। ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ୱାନ୍ ଷ୍ଟପ୍ ସେଣ୍ଟରକୁ ଉଦ୍‌ଘାଟନ କରିଛନ୍ତି।କୁଚିଣ୍ଡା ଉପଜିଲ୍ଲାପାଳ ସରୱନନ ସଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସଂଯୁକ୍ତା ସାହୁ, ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷ ପ୍ରଶାନ୍ତ ପାଢ଼ୀ, କୁଚିଣ୍ଡା ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକ ସୁବୋଧ କୁମାର ନାଏକ, ସାଂସଦ ପ୍ରତିନିଧି ରୁଦ୍ର ପ୍ରତାପ ଦେଓ, ସମ୍ବଲପୁର ମହିଳା ସୁରକ୍ଷା ଅଧିକାରିଣୀ ସରିତା ଦାଶ ଓ ସାର୍କ ସଂସ୍ଥାର ସମ୍ପାଦକ ଅଶୋକ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ। ଏହି ଅବସରରେ ୱାନ୍ ଷ୍ଟପ୍ ସେଣ୍ଟରର ପ୍ରାଚୀର ପତ୍ର ଓ ସଚେତନତା ଲିଫ୍ଲେଟ ଉନ୍ମୋଚନ କରାଯାଇଥିଲା। କୁଚିଣ୍ଡା ୱାନ୍ ଷ୍ଟପ୍ ସେଣ୍ଟରର ନୂତନ ନିଯୁକ୍ତ କର୍ମଚାରୀମାନଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମନ୍ୱିତ ଶିଶୁ ବିକାଶ ଯୋଜନାର ସମସ୍ତ ସିଡିପିଓ, ପର୍ଯ୍ୟବେକ୍ଷକ, ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ସ୍ୱୟଂ ସହାୟକ ଦଳର ସଦସ୍ୟା, ସଖୀ ସମ୍ବଲପୁର ଏବଂ ସାର୍କ ସଂସ୍ଥାର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।ସଭା ଶେଷରେ କୁଚିଣ୍ଡା ୱାନ୍ ଷ୍ଟପ୍ ସେଣ୍ଟରର ପ୍ରଶାସିକା ଶ୍ରୀମତୀ ଜ୍ୟୋତି ପ୍ରଧାନ ଧନ୍ୟବାଦ ଜଣାଇଥିଲେ।







# ଦୁଇଦିନିଆ ଯୁଥ୍ ଫେଷ୍ଟିଭାଲ ଉଦ୍‌ଘାଟିତ

ସମ୍ବଲପୁର, ୭।୧ (ସମିସ)

ଅଇଁଠାପାଲିସ୍ଥିତ ବୀର ବୀର୍ସାମୁଣ୍ଡା ମଇଦାନ, ପିଏଚ୍‌ଡି ପଡ଼ିଆରେ ଲୋକମହୋତ୍ସବ ପରେ ଆଜି ସନ୍ଧ୍ୟାରେ ଦୁଇଦିନିଆ ଯୁଥ୍ ଫେଷ୍ଟିଭାଲ ଉଦ୍‌ଘାଟିତ ହୋଇଯାଇଛି। ମା' ସମଲେଶ୍ୱରୀଙ୍କ ଭଜନ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରସିଦ୍ଧ କଣ୍ଠଶିଳ୍ପୀ ଉମାକାନ୍ତ ବାରିକ ଭଜମନ ଭଜ ମା' ସମଲେଇ... ଓ ଜୟ ଗଣେଶ ଦେବା... ଗୀତଗାଇ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହାପରେ ଉମାକାନ୍ତ ସବ ସେ ତେରା ନାମ..., ସାଥିଆଁ ବିନ୍ ତେରେ ଦିଲ୍ ମାନେନା..., ନଦୀର ସେପାଖେ ଅଛେ ମୋ ପ୍ରିୟା..., ନାଇଁ ଭୁଲି ଯିବୁରେ ଧନ, ତୋର ବିନା ଯିବାରେ ଜୀବନ..., ଏକ ମୁଲାକାତ୍ ଜରୁରୀ ହେ ସନମ..., ଡର ଡର ଲାଗୁଛେ କାଏଁ..., ଫିଲ୍ ମାଇଁ ଲଭ..., ଶାଗୁଆ ଶାଗୁଆ ଚୁଡ଼ିରେ ..., ବାଉରିରେ ମୋର ବାଉରୀ ତୋର ବିନା ଯିବି ମରି..., ମୋତେ ଏକଲା କରି ନାଇଁ ଯିବୁ ..., ବିଜ୍‌ଲିବାଲି ନୂଆ ଆଇଟମ... ଆଦି ଲୋକପ୍ରିୟ ଗୀତଗାଇ ଦର୍ଶକଙ୍କୁ ମତୁଆଲ କରିଥିଲେ। ଓଡ଼ିଆ ଚଳଚିତ୍ର ଅଭିନେତ୍ରୀ ଏଲିନା ସାମନ୍ତରାୟ ଲାଲ ଟହ ଟହ ଗୋଲାପ... ଓ ପାତଳଘଣ୍ଟାରେ... ନାଚକରି ମଞ୍ଚ ଦୁଲୁକାଇ ଦେଇଥିଲେ। ସୁନାମଧନ୍ୟ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଯୋଗଦେଇ କହିଛନ୍ତି ଯେ, ସମ୍ବଲପୁରୀ ଭାଷା ସାହିତ୍ୟ, ସଂସ୍କୃତିର ଭିନ୍ନ ପରିଚୟ ରହିଛି। କଳାର ଉତଥାନ ପାଇଁ ଯୁବଶକ୍ତି ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯୁବଶକ୍ତିର ଏହି ଉନ୍ମାଦନା ଖାଲି କଳା କ୍ଷେତ୍ର ନୁହେଁ, ଦେଶର ବିକାଶ ପାଇଁ ଉତ୍ସର୍ଗ ହେଉ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ଏହି ପିଏଚଡି ପଡ଼ିଆରୁ ଦିନେ ହୋଇଥିବା ଛାତ୍ର ଆନ୍ଦୋଳନ ସାରା ରାଜ୍ୟ ଦେଖିଥିଲା। ଆଜି ଏହି ପଡ଼ିଆରେ ଯୁବ ଉତ୍ସବରେ ଯୁବଶକ୍ତି ଉତ୍ସାହ ଦେଖି ଖୁସି ଲାଗୁଛି। ଏହି ଯୁବଶକ୍ତି ହିଁ ବିକଶିତ, ସମୃଦ୍ଧ ଓ ଆତ୍ମନିର୍ଭର ଭାରତ ଗଠନ କରିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ନାଉରୀ ନାୟକ, କୁଚିଣ୍ଡା ଏନ୍‌ଏସି ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି ଯୋଗ ଦେଇଥିଲେ। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ, ମହାନଗର କମିଶନର ରେହାନ ଖତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ମହୋତ୍ସବ ସମିତି ସଂଯୋଜକ ଦୀପକ ପଣ୍ଡା ସ୍ୱାଗତ ଭାଷଣ ଏବଂ ସହସଂଯୋଜକ ସତ୍ୟ ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



### ମତୁଆଲା କଲେ ଅନ୍ତରା, ଏଲିନା ଓ ଉମାକାନ୍ତ







# ରାବଣଡିହି ଜରାଶ୍ରମରେ ଶୀତବସ୍ତ୍ର ବଣ୍ଟନ

**କୁଚିଣ୍ଡା, ୭ ।୧(ସମିସ):** ବାମରା ନିକଟ ରାବଣଡିହି ବୃଦ୍ଧାଶ୍ରମରେ କୁଚିଣ୍ଡା ବିଜୁ ପାଠାଗାର ଟ୍ରଷ୍ଟ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିବା ଜଣାପଡ଼ିଛି। ମଙ୍ଗଳବାର ସନ୍ଧ୍ୟାରେ ବିଜୁ ପାଠାଗାର ଟ୍ରଷ୍ଟ ସଦସ୍ୟମାନେ ବୃଦ୍ଧାଶ୍ରମରେ ପହଞ୍ଚି ଅନ୍ତେବାସୀଙ୍କୁ ଜାକେଟ, ଟୋପି ଓ ମୁଜା ସମେତ ଅନ୍ୟାନ୍ୟ ଶୀତବସ୍ତ୍ର ବଣ୍ଟନ କରିଥିଲେ। ମୁଖ୍ୟ ଅତିଥି ଭାବେ କୁଚିଣ୍ଡା ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ନାଏକ ଉପସ୍ଥିତ ରହି ଅନ୍ତେବାସୀଙ୍କ ଦୁଖସୁଖ ପଚାରି ବୁଝିବା ସହ ମାନବ ସେବା ହିଁ ମାଧବ ସେବା ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟ ସଭାପତି ସଞ୍ଜୟ କୁମାର ବେହେରା, ଜିଲ୍ଲା ପରିଷଦ ସଭ୍ୟ ଅଜିତ ମହାପାତ୍ର, ଓକିଲ ବର୍ଦ୍ଧାନନ୍ଦ ଶର୍ମା, କେନାଡ଼ିପା ପୂର୍ବତନ ସରପଞ୍ଚ ଶାନ୍ତନୁ ନାଏକ ଓ ବରିଷ୍ଠ ଚାଷୀ ସୁଶିଳ ନାଏକ ପ୍ରମୁଖ ସହଯୋଗ କରିଥିଲେ।







# ଚକ୍ଷୁ ପରୀକ୍ଷା ଶିବିର ଉଦ୍‌ଘାଟିତ




**କୁଚିଣ୍ଡା, ୭ ।୧(ସମିସ):** ବାମରା ଓ କେଶାଇବାହାଲ୍ ଉଚ୍ଚ ବିଦ୍ୟାଳୟ ଠାରେ ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା ଅନ୍ତର୍ଗତ ଚକ୍ଷୁ ପରୀକ୍ଷା ଶିବିର ଉଦଘାଟିତ ହୋଇ ଯାଇଛି। ବିଆରଟି ହିମାଂଶୁଭୂଷଣ ରାଉତଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ହୃଦାନନ୍ଦ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥଲେ। ସିଆରସିସି ନିତ୍ୟାନନ୍ଦ ସୁନାନି, ଅଶୋକ ପଟେଲ, ଭୀଷ୍ମ କୁଆ, ପ୍ରଧାନ ଶିକ୍ଷୟିତ୍ରୀ ସାଇରା ବାନୋ ଲସ୍କର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉତ୍ସାହିତ କରିଥିଲେ। ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ଚିକିତ୍ସା ଅଧିକାରୀ ସତ୍ୟବ୍ରତ ଦାସ, ପ୍ରୀତି ଲିପ୍ସା ପତି ପିଲାମାନଙ୍କର ଚକ୍ଷୁ ପରିକ୍ଷା କରିଥିଲେ। ଗୋବିନ୍ଦପୁର ଓ କେଶାଇବାହଲ ଠାରେ ମୋଟ ୮ ଟି କ୍ଲଷ୍ଟର ର ୩୬୫ ଜଣ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଛି।



